**ଦେଶୀ ବନ୍ଧୁକ ଜବତ, ଜଣେ ଗିରଫ**

**ବଇଣ୍ଡା,(ପରିକ୍ଷିତ ସାହୁ):** କିଶୋରନଗର ବ୍ଲକ ହଣ୍ଡପା ଥାନା ଠେଲକନାଳୀ ଗ୍ରାମରେ ବୁଧବାର ପୋଲିସ ଚଢ଼ାଉ କରି ପିଣ୍ଟୁ ମିର୍ଦ୍ଧାଙ୍କ ଘରୁ ଏକ ଦେଶୀ ବନ୍ଧୁକ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ପିଣ୍ଟୁ ଏକ ଦେଶୀ ବନ୍ଧୁକ ଘରେ ରଖି ଜନ୍ତୁ ଶିକାର କରିବା ପାଇଁ ଯୋଜନା କରୁଥିବା ଖବରପାଇ ଆଇଆଇସି ନମିତା ନାୟକ ଚଢ଼ାଉ କରିଥିଲେ। ଏ ନେଇ ନଂ. ୪୫/୨୪ରେ ଏକ ମାମଲା ରୁଜୁ କରି ପୋଲିସ ପିଣ୍ଟୁଙ୍କୁ କୋର୍ଟଚାଲାଣ କରିଛି।

# ବିଶ୍ୱ ଭ୍ରାତୃତ୍ୱର ପ୍ରତୀକ ଶ୍ରୀଜଗନ୍ନାଥ

**ଢେଙ୍କାନାଳ,୨୪ା୧(ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବେଲଟିକିରି ଠାରେ ବୁଧବାର ନୂଆ-ଓ କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ଶ୍ରୀଜଗନ୍ନାଥ ଚେତନା ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ପ୍ରବକ୍ତା ଡ. ପ୍ରମୋଦ କୁମାର ଦାଶ ଜଗନ୍ନାଥ ଚେତନା ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଜଗନ୍ନାଥ ଚେତନା ହିଁ ସାମ୍ପ୍ରତିକ ବିକ୍ଷୁବ୍ଧ ବିଶ୍ୱରେ ଐକ୍ୟ ସ୍ଥାପନ ପାଇଁ ସମର୍ଥ ବୋଲି ମତବ୍ୟକ୍ତ କରିଥିଲେ। ଲୀଳାମୟ ଜଗନ୍ନାଥଙ୍କ ଇତିହାସ ହିଁ ଓଡ଼ିଆ ଜାତିର ଇତିହାସ। ତାଙ୍କୁ ଛାଡ଼ି ଓଡ଼ିଆର ଅସ୍ମିତା କଳ୍ପନା କରାଯାଇ ନ ପାରେ। ତେଣୁ ଶ୍ରୀଜଗନ୍ନାଥ ଚେତନାର ପରିପ୍ରସାର ପ୍ରତ୍ୟେକ ଓଡ଼ିଆର ଜାତୀୟ କର୍ତ୍ତବ୍ୟ ହେବା ଉଚିତ ବୋଲି ଡ.ଦାଶ ମତବ୍ୟକ୍ତ କରିଥିଲେ। ଏହି ଆଲୋଚନାଚକ୍ରରେ ସଭାପତିତ୍ୱ କରି କଲେଜ ଅଧ୍ୟକ୍ଷ ସୁରେଶ ପ୍ରସାଦ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ନୂଆ-ଓ କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ବିକାଶ କୁମାର ଦାସ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।



ବେଲଟିକିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

# ଜଳସେଚନ ବ୍ୟବସ୍ଥା କରିବାରେ ଚାଷୀ ସକ୍ଷମ



ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଅତିଥିମାନେ।

**ଢେଙ୍କାନାଳ,୨୪ା୧(ରତନ ନାୟାର)**

ଢେଙ୍କାନାଳର ପୁରୁଣା ଜିଲା ପରିଷଦ ହଲ୍‌ଠାରେ ବୁଧବାର ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ଗଣତାନ୍ତ୍ରିକ ପଦ୍ଧତିରେ ପାଣି ପଞ୍ଚାୟତ କାର୍ଯ୍ୟ କରୁଛି। ଚାଷୀ ଭାଇମାନେ ନିଜ ଚାଷକାମ ପାଇଁ ନିଜେ ଜଳସେଚନ ବ୍ୟବସ୍ଥା କରିବାରେ ସକ୍ଷମ ହୋଇପାରିଛନ୍ତି। ବିଭିନ୍ନ ଜଳସେଚନ ମାଧ୍ୟମରେ ଜିଲାର ୧ଲକ୍ଷ ୮୦ହଜାର ହେକ୍ଟର ଜମି ମଧ୍ୟରୁ ୧ଲକ୍ଷ ୨୦ ହଜାର ହେକ୍ଟରରେ ଚାଷକାମ ହୋଇପାରୁଛି। ଜିଲାରେ କୃଷି ଉତ୍ପାଦନକୁ ତ୍ୱରାନ୍ୱିତ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଅଧିକ ସମନ୍ୱୟ ରଖି ଜଳସେଚନ ଓ କୃଷି କାର୍ଯ୍ୟ ଆଗେଇ ନେବା ପାଇଁ ଉପସ୍ଥିତ ପାଣି ପଞ୍ଚାୟତର କର୍ମକର୍ତ୍ତାମାନଙ୍କୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜିଲାପାଳ ମନୋରଞ୍ଜନ ମଲ୍ଲିକ କହିଲେ, ସ୍ଥାନୀୟ ଚାଷୀ ଭାଇମାନେ ନିଜ ଫସଲ ପାଇଁ ଆବଶ୍ୟକ ପରାମର୍ଶ ନେଇ ଯୋଜନା ପ୍ରସ୍ତୁତ କରିବା ସହ ପାଣି ପଞ୍ଚାୟତରେ ଥିବା ସମସ୍ତ ଉପକରଣର ଉଚିତ ରକ୍ଷଣାବେକ୍ଷଣ କରନ୍ତୁ। ରେଙ୍ଗାଳି ଦକ୍ଷିଣ ଜଳସେଚନ ମଣ୍ଡଳର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଉଦୟନାଥ ସାହୁ, ଜିଲାରେ କାର୍ଯ୍ୟ କରୁଥିବା ପାଣି ପଞ୍ଚାୟତ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ପ୍ରଧାନ, ଅଧୀକ୍ଷଣ ଯନ୍ତ୍ରୀ ନୀହାର ରଞ୍ଜନ ପାତ୍ର ଓ ନବକିଶୋର ମହାଳିକ, କ୍ଷୁଦ୍ର ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ୍ତ ସାହୁ, ଶ୍ରୀଦେବୀ ପାଣି ପଞ୍ଚାୟତ ସଭାପତି ନିରଞ୍ଜନ ପତି ପ୍ରମୁଖ ପାଣି ପଞ୍ଚାୟତର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବ ଅବସରରେ ସମସ୍ତେ ଜଳସେଚନ ସମ୍ପର୍କିତ ଶପଥପାଠ କରିଥିଲେ। ଜିଲାର ସମସ୍ତ ପାଣି ପଞ୍ଚାୟତର ସଭାପତି, ସମ୍ପାଦକ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସୁର ସଙ୍ଗୀତ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଚନ୍ଦନ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜାତୀୟ ପତାକା ଉତ୍ତୋଳନ କରିବେ ଜିଲାପାଳ

**ଢେଙ୍କାନାଳ,୨୪ା୧(ରତନ ନାୟାର)**

ଢେଙ୍କାନାଳ ମିନି ଷ୍ଟାଡିୟମଠାରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଶୁକ୍ରବାର ପାଳନ କରାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଜିଲାସ୍ତରୀୟ ଉତ୍ସବରେ ସକାଳ ସାଢ଼େ ୮ଟା ବେଳେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ମନୋରଞ୍ଜନ ମଲ୍ଲିକ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ। ଏହି ଦିବସ ପାଳନ ଉପଲକ୍ଷେ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ ଆଦିରେ ସକାଳ ସାଢେ ୬ଟାରେ ଜାତୀୟ ପତାକା ଉତ୍ତୋଳନ ହେବ। ସକାଳ ୭ଟା ୪୫ରେ ସହରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ମଡକର ସନ୍ଦୀପ ସମ୍ପଦ ଢେଙ୍କାନାଳ ଏସ୍‌ପି

**ଢେଙ୍କାନାଳ,୨୪ା୧ (ରତନ ନାୟାର)**

**ଜ୍ଞାନରଞ୍ଜନ ମହାପାତ୍ର ସ୍ପେଶାଲ ବ୍ରାଞ୍ଚ ଏସ୍‌ପି**

ଢେଙ୍କାନାଳ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କ ବୁଧବାର ଭୁବନେଶ୍ୱର ସ୍ପେଶାଲ ବ୍ରାଞ୍ଚ ଏସ୍‌ପି



ମଡକର ସନ୍ଦୀପ ସମ୍ପଦ।



ଜ୍ଞାନରଞ୍ଜନ ମହାପାତ୍ର।

ଭାବେ ବଦଳି ହୋଇଛି। ତାଙ୍କ ସ୍ଥାନରେ ଭାରତୀୟ ପୋଲିସ ସେବା ଅଧିକାରୀ କେନ୍ଦ୍ରାପଡ଼ା ଏସ୍‌ପି ମଡକର ସନ୍ଦୀପ ସମ୍ପଦଙ୍କୁ ଢେଙ୍କାନାଳ ଏସ୍‌ପି ଭାବେ ବଦଳି କରାଯାଇଛି। ସୂଚନାଯୋଗ୍ୟ, ଜ୍ଞାନରଞ୍ଜନ ମହାପାତ୍ର ୨୦୨୩ ଜାନୁଆରୀ ୬ରେ ଢେଙ୍କାନାଳ ଏସ୍‌ପି ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ।

# ପ୍ରାଣୀ ଚିକିତ୍ସା ସେବା ବାଧାପ୍ରାପ୍ତ

**ଢେଙ୍କାନାଳ,୨୪ା୧(ରତନ ନାୟାର)**

**ସପ୍ତାହେ ହେଲା ପ୍ରାଣୀ ଚିକିତ୍ସକ ସାମୂହିକ ଛୁଟିରେ**

ଦୀର୍ଘ ଏକ ସପ୍ତାହ ହେଲା ରାଜ୍ୟର ସମସ୍ତ ପ୍ରାଣୀ ଚିକିତ୍ସକ ସାମୂହିକ ଛୁଟିରେ ଥିବା ଯୋଗୁ ଗୃହପାଳିତ ପ୍ରାଣୀମାନେ ବିଭିନ୍ନ ସଂକ୍ରାମକ, ଅଣସଂକ୍ରାମକ ଓ ଆପାତକାଳୀନ ଚିକିତ୍ସା ସେବାରୁ ବଞ୍ଚିତ ହୋଇଛନ୍ତି। ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓଡ଼ିଶା ସରକାର ଜିଲାର ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଅଗଣିତ ପଶୁପକ୍ଷୀଙ୍କ ଚିକିତ୍ସା ଭାର ଦେଇ ନୀରବଦ୍ରଷ୍ଟା ସାଜିଛନ୍ତି। ଜାନୁଆରୀ ୧୮ରୁ ଢେଙ୍କାନାଳ ଜିଲାର ସମସ୍ତ ପ୍ରାଣୀ ଚିକିତ୍ସକ ପ୍ରାଣୀ ଚିକିତ୍ସା ସେବା ବ୍ୟବସ୍ଥାର ବ୍ୟାପକ ରୂପାନ୍ତରଣ, ନିଃଶୁଳ୍କ ନିରାମୟ ୨୪ ଘଣ୍ଟିଆ ପ୍ରାଣୀ ଚିକିତ୍ସା ସେବା, ବିଶେଷଜ୍ଞ ପ୍ରାଣୀ ଚିକିତ୍ସକ ନିଯୁକ୍ତି, ନୂତନ ରେଫେରାଲ୍ ପ୍ରାଣୀ ଚିକିତ୍ସାଳୟ ପ୍ରତିଷ୍ଠା, କେନ୍ଦ୍ରୀୟ ହାରରେ ଉଚିତ୍ ଦରମା, ଡିଏସିପି, ଏନ୍‌ପିଏ ବ୍ୟବସ୍ଥା, ପ୍ରାଣୀ ଚିକିତ୍ସକମାନଙ୍କ ଉପଯୁକ୍ତ କ୍ୟାଡର ପୁନର୍ଗଠନ ଆଦି ଦାବିଗୁଡ଼ିକୁ ନେଇ ସମୂହ ଛୁଟିରେ ଯାଇଛନ୍ତି। ସରକାର କୌଣସି ପ୍ରକାର ଆଲୋଚନା ନ କରି ପ୍ରାଣୀ ଚିକିତ୍ସକମାନଙ୍କ ପ୍ରତି କଠୋର ନିର୍ଦ୍ଦେଶ ଦେବା ଆରମ୍ଭ କରିଛନ୍ତି। ଏହାକୁ ଭ୍ରୂକ୍ଷେପ ନ କରି ପ୍ରାଣୀ ଚିକିତ୍ସକମାନେ ଦୀର୍ଘ ୭ଦିନ ହେଲା ଛୁଟିରେ ଅଛନ୍ତି ଏବଂ କୌଣସି ସରକାରୀ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି ସଂଘ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ପ୍ରାଣୀ ଚିକିତ୍ସକଙ୍କ ସମୂହ ଛୁଟି ଯୋଗୁ ବିଭିନ୍ନ ପ୍ରାଣୀ ପ୍ରେମୀ, ସରକାରୀ ଅନୁଦାନପ୍ରାପ୍ତ ଗୋ-ଶାଳା, ବୁଦ୍ଧିଜୀବୀ, ସମାଜସେବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ଏଥିପ୍ରତି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବାର ସମ୍ଭାବନା ରହିଛି।



ସପ୍ତାହେ ହେଲା ଛୁଟିରେ ଆନ୍ଦୋଳନରତ ପ୍ରାଣୀ ଚିକିତ୍ସକମାନେ।

# ସାମାଜିକ କର୍ମୀ ଆଶାଲତାଙ୍କ ପରଲୋକ

**ଢେଙ୍କାନାଳ,୨୪ା୧(ରତନ ନାୟାର)**

ଢେଙ୍କାନାଳ ସହରସ୍ଥିତ ମୁକ୍ତାଦେଈପୁର ଶାସନର ବିଶିଷ୍ଟ ସାମାଜିକ କର୍ମୀ ଆଶାଲତା ମିଶ୍ରଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୮୪ବର୍ଷ ହୋଇଥିଲା। ଆଶାଲତା ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ପଣ୍ଡିତ ବିନାୟକ ମିଶ୍ରଙ୍କ ସ୍ତ୍ରୀ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁତ୍ର ଓ ପୁତ୍ରବଧୂ, ଝିଅଜ୍ୱାଇଁ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଶୋକବ୍ୟକ୍ତ କରିଥିଲେ। ସହରସ୍ଥିତ ସୁଆଗୀ ଶ୍ମଶାନଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।



ଆଶାଲତା ମିଶ୍ର

# ସମୂହ ଉନ୍ନତି ପାଇଁ ମୌଳିକ ଅସୁବିଧାର ମୂଲ୍ୟାଙ୍କନ

**ଢେଙ୍କାନାଳ,୨୪ା୧(ରତନ ନାୟାର)**

**କୋହ୍ଲା ଗ୍ରାମକୁ ପୋଷ୍ୟ ଭାବେ ଗ୍ରହଣ କଲା ନବ କମ୍ପାନୀ**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦ ସ୍ଥିତ ନବ ଲିମିଟେଡ୍ କମ୍ପାନୀ ଗଁନ୍ଦିଆ ବ୍ଲକର ଶୋରିଷିଆପଦା ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ କୋହ୍ଲା ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରିଛି। ଜିଲା ପ୍ରଶାସନ ପକ୍ଷରୁ ନବ ଲିମିଟେଡ କମ୍ପାନୀକୁ କୋହ୍ଲା ଗ୍ରାମକୁ ପୋଷ୍ୟ ଭାବେ ଗ୍ରହଣ କରିବା ପାଇଁ ପତ୍ର ଦିଆଯାଇଥିଲା। ତଦନୁଯାୟୀ ବୁଧବାର କମ୍ପାନୀର ଅଧିକାରୀମାନେ କୋହ୍ଲା ଗ୍ରାମକୁ ଯାଇ ଗ୍ରାମବାସୀ ଓ ହିତାଧିକାରୀମାନଙ୍କ ଉପସ୍ଥିତିରେ ଗ୍ରାମର ସମୂହ ଉନ୍ନତି ପାଇଁ ସମସ୍ତ ମୌଳିକ ଅସୁବିଧାର ମୂଲ୍ୟାଙ୍କନ କରିବା ସହିତ ପୋଷାକ ବିତରଣ କରିଥିଲେ। ଗ୍ରାମର ପ୍ରାୟ ୩୧୨ ଜଣଙ୍କୁ ନୂତନ ପୋଷାକ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଗଁନ୍ଦିଆ ତହସିଲଦାର ସୁରଥଚନ୍ଦ୍ର ରାଉତ, ସରପଞ୍ଚ ପ୍ରଦୀପ କୁମାର ରାଉତ, ରାଜସ୍ୱ ନିରୀକ୍ଷକ, ୱାର୍ଡମେମ୍ବର, ଅଙ୍ଗନୱାଡି କର୍ମୀଙ୍କ ସମେତ କମ୍ପାନୀର ଅଧିକାରୀମାନେ ଉପସ୍ଥିତ ଥିଲେ। ପୋଷ୍ୟ ଗ୍ରାମ ଗ୍ରହଣ କରିବା ପରେ ଗ୍ରାମର କିପରି ସମୂହ ଉନ୍ନତି ହେବ ସେ ନେଇ ନବ ଲିମିଟେଡ୍ କମ୍ପାନୀ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଗ୍ରାମର ସ୍ୱାସ୍ଥ୍ୟ, ଶିକ୍ଷା, ଆଲୋକ ସମେତ ବିଭିନ୍ନ ପ୍ରକାର ଜନହିତକର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଅବସରରେ ଗ୍ରାମବାସୀ କମ୍ପାନୀର ପ୍ରୟାସକୁ ସାଧୁବାଦ ଜଣାଇଥିଲେ।



କମ୍ପାନୀର ଅଧିକାରୀମାନେ କୋହ୍ଲା ଗ୍ରାମକୁ ଯାଇ ନୂତନ ପୋଷାକ ବିତରଣ କରୁଛନ୍ତି।

# ଭାଜପାର ବୁଥ୍‌ଚାଲ ଅଭିଯାନ କର୍ମଶାଳା

**ଢେଙ୍କାନାଳ,୨୪ା୧(ରତନ ନାୟାର)**

ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଭାଜପାର ବୁଥ୍ ଚଲୋ ଅଭିଯାନ କର୍ମଶାଳା ବୁଧବାର ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ବିଜେଡି ସରକାର ଉପରେ ବର୍ଷିଥିଲେ। ଆସନ୍ତା ୨୭, ୨୮ ଓ ୨୯ ତାରିଖ ତିନିଦିନ ବ୍ୟାପୀ ଭାଜପା କାର୍ଯ୍ୟକର୍ତ୍ତାମାନେ ନିର୍ବାଚନମଣ୍ଡଳୀର ବୁଥ୍‌ସ୍ତରକୁ ଯାଇ ପ୍ରତ୍ୟେକ ଘରେ ବିଜେଡି ସରକାରର ଦୁର୍ନୀତି ଓ ଭ୍ରଷ୍ଟାଚାର ବାବଦରେ ଜଣାଇବା ସହ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନାଗୁଡ଼ିକ ବାବଦରେ ଅବଗତ କରିବେ। ଏଥିସହ କରପତ୍ର ପ୍ରଦାନ କରି ଭାଜପାର ଷ୍ଟିକର ମାରିବେ ବୋଲି ମୁଖ୍ୟ ଅତିଥି କହିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି ମୋଦି ସରକାରଙ୍କ ଜନହିତକର ଯୋଜନାଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ପୂର୍ବତନ ବିଧାୟକ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃଷ୍ଣଚନ୍ଦ୍ର ପାତ୍ର ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଥିଲେ। ଲୋକ ସଭା ସଂଯୋଜକ ପ୍ରେମାନନ୍ଦ ଜେନା ସଂଗଠନକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ସୁନିଲ୍ ଶର୍ମା, ଉପସଭାପତି ବିଷ୍ଣୁ ପ୍ରସାଦ ଲେଙ୍କା, ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସ୍ୱାଇଁ, ଆଇଟି ସେଲ୍ ପ୍ରଭାରୀ ସୁଚିତ୍ର ବେହେରା, ନିର୍ବାଚନ ସହସଂଯୋଜକ ଅମ୍ବିକା ମିଶ୍ର, ମଧୁସ୍ମିତା ପୁହାଣ, ସମସ୍ତ ମଣ୍ଡଳ ସଭାପତି, ମଣ୍ଡଳ ସାଧାରଣ ସମ୍ପାଦକ, ଶକ୍ତି କେନ୍ଦ୍ରର ତ୍ରିଦେବଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା କର୍ମଶାଳାରେ ଯୋଗ ଦେଇଥିଲେ। ନିର୍ବାଚନ ମଣ୍ଡଳୀ ସଂଯୋଜକ ବିଷ୍ଣୁ ପ୍ରସାଦ ଲେଙ୍କା ଧନ୍ୟବାଦ ପ୍ରଦାନ କରିଥିଲେ।



ଭାଜପାର ବୁଥ୍‌ଚାଲ ଅଭିଯାନ କର୍ମଶାଳାରେ ମଞ୍ଚାସୀନ ନେତୃବୃନ୍ଦ।

# ଗଞ୍ଜେଇ ଜବତ, ଜଣେ ଗିରଫ

**ଢେଙ୍କାନାଳ,୨୪ା୧(ରତନ ନାୟାର)**

ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା ୫୫ନଂ. ଜାତୀୟ ରାଜପଥର ନିମବାହାଳୀ ଛକଠାରୁ ବୁଧବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୪.୮ କେଜି ଗଞ୍ଜେଇ ଓ ଏକ ସ୍କୁଟି ଜବତ କରାଯାଇଛି। ଏହି ଘଟଣାରେ ବାଲିମୀ ଥାନା ଝାଡ଼ବନ୍ଧ ଗ୍ରାମର ଛକଡି ସେନାପତିଙ୍କୁ ଗିରଫ କରାଯାଇଛି। ଅବକାରୀ କମିଶନର ନରସିଂହ ଭୋଳ ଓ ଜିଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ନିର୍ଦ୍ଦେଶରେ ଏବଂ ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଚଢ଼ାଉ କରାଯାଇଥିଲା। ଉପ ଅଧୀକ୍ଷକ ସୀତାମଣୀ ପଟ୍ଟାୟତ, ସୁଜନ କୁମାର ଭୋଳ, ଏସ୍‌ଆଇ ପୁରୁଷୋତ୍ତମ ମିଶ୍ର, ସଞ୍ଜୀବ କୁମାର ଶର୍ମା, ଇନ୍ସପେକ୍ଟର ସଟିକା ଜେସନ, ଇନ୍ସପେକ୍ଟର ଦୀପ୍ତିମୟୀ ସାହୁ, ଏଏସ୍‌ଆଇ ଛାୟାକାନ୍ତ ନାୟକ ପ୍ରମୁଖ ଚଢ଼ାଉ କରିଥିଲେ।

# ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ



ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗ ଦେଇଛନ୍ତି।

**କାମାକ୍ଷାନଗର,୨୪ା୧ (ଅମଜାଦ ଖାନ)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୧୦ନଂ ୱାର୍ଡ ନୂଆ ଆଳତୁମା ଶ୍ରୀରାମନଗରସ୍ଥିତ ମନ୍ଦିରରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ବୁଧବାର ମହା ସମାରୋହରେ ପାଳିତ ହୋଇଯାଇଛି। କାମାକ୍ଷାନଗର ବିଧାୟକ ତଥା ରାଜ୍ୟ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ନଗରପାଳ ଧର୍ମାନନ୍ଦ ପରିଡ଼ା, କାଉନସିଲର ସୌମ୍ୟାଶ୍ରୀ ଜୀ, ଯୁବ ବିଜେଡି ନଗର ସଭାପତି ସମ୍ବିତ ସୂର୍ଯ୍ୟ ସାହୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଭୁ ଶ୍ରୀରାମଙ୍କ ଦର୍ଶନ କରିଥିଲେ। କମିଟି ତରଫରୁ ଆୟୋଜିତ ହରିହାଟରେ ୩୦୦୦ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଗ୍ରାମ କମିଟିର ସନ୍ତୋଷ କୁମାର ନାୟକ ଟୁକୁନା ଲେଙ୍କା, ଦୁଷ୍ମନ୍ତ ରାୟ ଚୌଧୁରୀ ଓ ଯୁବକ ସଂଘ ସଭାପତି ନିରଞ୍ଜନ ସୁବୁଦ୍ଧି, ସମ୍ପାଦକ ସ୍ମୃତିରାଜ ବେହେରା, ସଭ୍ୟ ଲିପୁନ ଖୁଣ୍ଟିଆ, ସୌମ୍ୟ ରଞ୍ଜନ ନାଥ ଓ ରବୀନ୍ଦ୍ର ଧୀର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉତ୍ତମ ଶିକ୍ଷା ଉପରେ ଆଲୋକପାତ

**ଢେଙ୍କାନାଳ,୨୪ା୧(ରତନ ନାୟାର)**

ଢେଙ୍କାନାଳ ସହରସ୍ଥିତ ଗୋପବନ୍ଧୁ ଟାଉନ୍ ହଲ୍‌ଠାରେ ଅନୁଷ୍ଠାନର ଅଧ୍ୟକ୍ଷ ମମତା ପତିଙ୍କ ଅଧ୍ୟକ୍ଷତାରେ ବ୍ରିଟିଶ୍ ପବ୍ଲିକ୍ ସ୍କୁଲ୍‌ର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ସାମ୍ବାଦିକ ସଂଘ ଉପସଭାପତି ଅଜୟ କୁମାର ସାହୁ ଉପସ୍ଥିତ ରହି ପିଲାମାନଙ୍କ ବିକାଶ ଦ୍ୱାରା ସବୁ ସମ୍ଭବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନ ସମ୍ପାଦକ ଅଶ୍ୱିନୀ କୁମାର ପତି ପିଲାମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ଗୁରୁଦତ୍ତ ସାମଲ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଅତିଥିମାନଙ୍କ ଦ୍ୱାରା ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଶିଷ କୁମାର ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଅମିୟ କୁମାର ପତି ଧନ୍ୟବାଦ ପ୍ରଦାନ କରିଥିଲେ।



ବ୍ରିଟିଶ୍ ପବ୍ଲିକ୍ ସ୍କୁଲ୍‌ର ବାର୍ଷିକ ଉତ୍ସବରେ ଶିକ୍ଷୟିତ୍ରୀମାନଙ୍କ ସହ ଛାତ୍ରୀମାନେ।

# ସନ୍ଥକବି ଭୀମଭୋଇ ଗୀତିନାଟ୍ୟ ପାଣ୍ଡୁଲିପି ପୂଜନ

**ଢେଙ୍କାନାଳ,୨୪ା୧(ରତନ ନାୟାର)**

ବିଶ୍ୱ ପ୍ରସିଦ୍ଧ ମହିମାଧର୍ମର ମୁଖ୍ୟ ପ୍ରଚାରକ ସନ୍ଥକବି ଭୀମ ଭୋଇଙ୍କ ଜୀବନୀ ଓ ମହିମା ସ୍ୱାମୀଙ୍କ ସାଧନାର କଥାକୁ ନେଇ ପ୍ରଥମକରି ରଚିତ ହୋଇଥିବା ଗୀତିନାଟ୍ୟ ସନ୍ଥକବି ଭୀମଭୋଇର ପାଣ୍ଡୁଲିପି ବୁଧବାର ଢେଙ୍କାନାଳସ୍ଥିତ ମହିମାଧର୍ମ ପୀଠ ଯୋରନ୍ଦା ମହିମାଗାଦି ଠାରେ ପୂଜନ ଓ ସମର୍ପିତ ହୋଇଯାଇଛି। ଏହି ଗୀତିନାଟ୍ୟର ଲେଖକ ଅବନୀ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହିମା ପୀଠ ବଲ୍କଲଧାରୀ ମହିମା ସମାଜର ସନ୍ନ୍ୟାସୀ ବାବା ପ୍ରଫୁଲ୍ଲ ଦାସ, ବାବା ବିଶ୍ୱାନନ୍ଦ ଦାସ, ବାବା ଚୈତନ୍ୟ ଦାସ, ସାଧୁ ବିକ୍ରମ ଦାସ, ବାବା ବ୍ରହ୍ମାନନ୍ଦ ଦାସ ପ୍ରମୁଖ ପାଣ୍ଡୁଲିପିର ସଫଳତା କାମନା କରି ଶୂନ୍ୟ ମହାପ୍ରଭୁ ମହିମା ଅଲେଖଙ୍କୁ ସମର୍ପିତ କରିଥିଲେ। ସେହିପରି କୌପୀନଧାରୀ ମହିମା ସମାଜ ପକ୍ଷରୁ ମହିମା ସନ୍ନ୍ୟାସୀ ବାବା ରଘୁନାଥ ଦାସ, ସୌମ୍ୟ ବାବା ପ୍ରମୁଖ ଶୂନ୍ୟପ୍ରଭୁ ମହିମା ଅଲେଖଙ୍କୁ ପାଣ୍ଡୁଲିପି ସମର୍ପଣ କରିଥିଲେ। ଏହି ଅବସରରେ ଢେଙ୍କାନାଳର ପ୍ରମୁଖ ନାଟ୍ୟ ଅନୁଷ୍ଠାନ କଳା ପରିଷଦର ଶତ୍ରୁଘ୍ନ ମାଟି, ଅଶୋକ କୁମାର ଦାସ, କିଶୋର ଚନ୍ଦ୍ର ରାଉତ, ଅମ୍ବିକା ପ୍ରସାଦ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଦେବତା, ପୃଥ୍ୱୀଦୀପ୍ତ ଭୂଷଣ, ଶରତ କୁମାର ବେହେରା, ରଶ୍ମିରଞ୍ଜନ ପଟ୍ଟନାୟକ, ଆନୁଷ୍ଠାନ ପ୍ରିୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଗୀତିନାଟ୍ୟକୁ ବିଶିଷ୍ଟ ନାଟ୍ୟକାର ଦିଲୀଶ୍ୱର ମହାରଣା ଦିଗ୍‌ଦର୍ଶନ ଦେଇଥିବା ବେଳେ ଶତ୍ରୁଘ୍ନ ମାଟି ଏହାର ନିର୍ଦ୍ଦେଶନା ଦେବେ। କଳା ପରିଷଦ ଅନୁଷ୍ଠାନ ପକ୍ଷରୁ ଏହାକୁ ପରିବେଷଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ପୂର୍ବରୁ ସନ୍ଥକବି ଭୀମଭୋଇ ଗୀତିନାଟ୍ୟର ପାଣ୍ଡୁଲିପିକୁ ଭୁବନେଶ୍ୱରରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ସୁଜାତା କାର୍ତ୍ତିକେୟନ, ନିର୍ଦ୍ଦେଶକ ଦିଲୀପ ରାଉତରାୟ ଉନ୍ମୋଚନ କରିଥିଲେ। ଏଥିପୂର୍ବରୁ କବି ଅବନୀ ମିଶ୍ର, ବିଶିଷ୍ଟ ସମରକବି ବ୍ରଜନାଥ ବଡ଼ଜେନାଙ୍କ ରଚିତ ସମର ତରଙ୍ଗ ଗୀତିନାଟ୍ୟ ଢେଙ୍କାନାଳ ସମେତ ଓଡ଼ିଶାର ଭୁବନେଶ୍ୱର, ପାରାଦୀପ, କଟକ ବାଲିଯାତ୍ରା ଉତ୍ସବ, ଅନୁଗୋଳ ଆଦିରେ ପରିବେଷଣ ହୋଇ ଜନାଦୃତ ହୋଇଥିଲା।



# ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନାଚକ୍ର

**ଢେଙ୍କାନାଳ,୨୪ା୧(ରତନ ନାୟାର)**

ଢେଙ୍କାନାଳ ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ନୂଆ-ଓ କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତି ଉପରେ ଏକ ଆଲୋଚନାଚକ୍ର ଅଧ୍ୟକ୍ଷ ମାନଗୋବିନ୍ଦ ଗୋଛିଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଚାରଣ ପ୍ରବଚକ ଅରୁଣ କୁମାର ପୁହାଣ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଓ ତତ୍ତ୍ୱ ଉପରେ ଛାତ୍ରୀଛାତ୍ରମାନଙ୍କୁ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ନୋଡାଲ ଅଧିକାରୀ ଅକ୍ଷୟ କୁମାର ନାଥ, ବିଲୁପ୍ତପ୍ରାୟ ଉତ୍କଳୀୟ ସଂସ୍କୃତି ପୁନଃ ଜାଗରଣ ଉପରେ ଆଲୋକପାତ କରିଥିଲେ। ମନୋରମା ମଲ୍ଲିକ, ସୁଶାନ୍ତ କୁମାର ନାୟକ, ନୀହାରିକା ଦାସ, ଅଜୟ କୁମାର ଦାସ, ସଞ୍ଜୟ ନାୟକ, ପଙ୍କଜିନୀ ସାହୁ, ସୋନାଲି ମହାପାତ୍ର, ପ୍ରିୟରଞ୍ଜନ ଦାଶ, ପ୍ରଭାସ ସାହୁ, ଛବି ନାରାୟଣ ରାଉତ, ଜୟଦେବ ବେହେରାଙ୍କ ସମେତ ଛାତ୍ରୀଛାତ୍ର ମାନେ ଉପସ୍ଥିତ ଥିଲେ।



ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନାଚକ୍ର।

# ସମସ୍ତ କର୍ମୀ ଏକଜୁଟ୍ ହୋଇ କାମ କର


ଭାଜପା ପକ୍ଷରୁ ପଞ୍ଚାୟତସ୍ତରୀୟ ବୈଠକ।

**ବଇଣ୍ଡା,୨୪।୧(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ହଣ୍ଡପା ଥାନା ଲୁହାମୁଣ୍ଡାଠାରେ ଭାଜପା ପକ୍ଷରୁ ପଞ୍ଚାୟତସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବି.ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସଞ୍ଜୀବ ସାହୁ ଯୋଗଦେଇ ଆଗାମୀ ନିର୍ବାଚନରେ କିପରି ଦଳ ସଫଳତା ହାସଲ କରିବ ସେ ନେଇ ସମସ୍ତ କର୍ମୀ ଏକଜୁଟ୍ ହୋଇ କାମ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ଭାଗୀରଥି ପ୍ରଧାନ, ଅଲେଖ ପ୍ରଧାନ, ବାନାମ୍ବର ପ୍ରଧାନ, ରମେଶ ଜେନାମଣି, ଗଗନ ବାରିକ, ଅଜିତ ପ୍ରଧାନ, ଅର୍ଜୁନ ପାଣ୍ଡେ, ସରୋଜ ସାହୁ, କରୁଣାକର ପ୍ରଧାନ, ବାଳକୃଷ୍ଣ ପ୍ରଧାନ, ଅବନୀ ପ୍ରଧାନ, ହୃଦାନନ୍ଦ ପ୍ରଧାନ, ମହେଶ୍ୱର ଛତ୍ରିଆ, ହେମନ୍ତ ବିଶ୍ୱାଳ, କିଶୋରୀ ସାହୁ, ଧର୍ମେନ୍ଦ୍ର ସାହୁ, ରୋହିତ ପ୍ରଧାନଙ୍କ ସମେତ ବହୁ ଭାଜପା କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ଅନ୍ୟଦଳରୁ ବହୁ କର୍ମୀ ଭାଜପାରେ ସାମିଲ ହୋଇଥିଲେ।

# ବ୍ଲକସ୍ତରୀୟ ଜାତୀୟ ବାଳିକା ଦିବସ

**କାମାକ୍ଷାନଗର,୨୪।୧(ଅମ୍‌ଜାଦ୍ ଖାନ୍)**

ଢେଙ୍କାନାଳ ଜିଲା କାମାକ୍ଷାନଗରରେ ବ୍ଲକସ୍ତରୀୟ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ସାରଙ୍ଗଧର ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚିତ୍ରାଙ୍କନ ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ପାୟଲ ସାହୁ ପ୍ରଥମ, କନିଷ୍ଠ ବିଭାଗରେ ସରସ୍ୱତୀ ବିଦ୍ୟାମନ୍ଦିରର ଷଷ୍ଠ ଶ୍ରେଣୀର ଛାତ୍ରୀ ସ୍ୱୟଂଶ୍ରଦ୍ଧା ମହାପାତ୍ର ପ୍ରଥମ, ତର୍କରେ ବରିଷ୍ଠ ବିଭାଗରେ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ କାନପୁରାର ନବମ ଶ୍ରେଣୀ ଛାତ୍ରୀ ଅଭିଲିପ୍ସା ସାହୁ ପ୍ରଥମ ଓ କନିଷ୍ଠ ବିଭାଗରେ ଜେକେସ ୟୁନାଇଟେଡ୍ ସରକାରୀ ଉଚ୍ଚ ବିଦ୍ୟାଳୟ କୋଟଗରାର ଅଷ୍ଟମ ଶ୍ରେଣୀ ଛାତ୍ରୀ ସୋନାଲି ଶୁଭସ୍ମିତା ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ବିଜେତାଙ୍କୁ ଡେପୁଟି କଲେକ୍ଟର ଡ. ତୃପ୍ତିମୟୀ ପ୍ରଧାନ, ଉପ ନଗରପାଳ ଶକୁନ୍ତଳା ସେଠୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁ, ସାରଙ୍ଗଧର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗବନ୍ଧୁ ଜେନା ଉପସ୍ଥିତ ରହି ପୁରସ୍କୃତ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶେଷରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ଭୋଇ ଧନ୍ୟବାଦ ଦେଇଥିଲେ।



ଜାତୀୟ ବାଳିକା ଦିବସ ପାଳନ ଅବସରରେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ଖାଦ୍ୟ ଆୟୋଗ ସଦସ୍ୟଙ୍କ ଛତୁଆ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ

**ପରଜଙ୍ଗ,୨୪।୧ (ନିଗମାନନ୍ଦ ଦଳବେହେରା)**

ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ କୁମାର ବେହେରା ମଙ୍ଗଳବାର ପରଜଙ୍ଗ ବ୍ଲକର ଛତୁଆ ପ୍ରସ୍ତୁତ କେନ୍ଦ୍ର ଅଚାନକ ପରିଦର୍ଶନ କରିଛନ୍ତି। କାର୍ଯ୍ୟକ୍ରମ ଅନୁସାରେ ପରଜଙ୍ଗ ବ୍ଲକର ଶକ୍ତି ମା' ଲକ୍ଷ୍ମୀନାରାୟଣ ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ପ୍ରସ୍ତୁତି କେନ୍ଦ୍ର, ସାନକମର ଏବଂ ଶକ୍ତି ମା' ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରି ଛତୁଆ ପ୍ରସ୍ତୁତର ମାନ ଯାଞ୍ଚ କରିଥିଲେ। ପରିଦର୍ଶନ ସମୟରେ ସିଡିପିଓ ଓ ସୁପରଭାଇଜର ଉପସ୍ଥିତ ଥିଲେ।

# ପଛୁଆ ବର୍ଗଙ୍କୁ ନ୍ୟାଯ୍ୟ ଅଧିକାର ଦିଆଯାଉ


ନଗର କଂଗ୍ରେସ କମିଟି ତରଫରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନେତାମାନେ।

**ଆଠମଲ୍ଲିକ, ୨୪।୧ (ଉଦୀପ୍ତ ପୁରୋହିତ)**

ଓଡ଼ିଶା ପ୍ରଦେଶ କଂଗ୍ରେସ ପଛୁଆ ବର୍ଗ କମିଟିର ନବନିଯୁକ୍ତ ରାଜ୍ୟ ଅଧ୍ୟକ୍ଷ ବିଜୟା ନନ୍ଦ ଚାଉଳିଆଙ୍କୁ ଆଠମଲ୍ଲିକ ନଗର କଂଗ୍ରେସ କମିଟି ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ନଗର କଂଗ୍ରେସ ସଭାପତି କମଳାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଛୁଆବର୍ଗ ଅଧ୍ୟକ୍ଷ ଚାଉଳିଆ ଉପସ୍ଥିତ ରହି ସରକାରୀ ଚାକିରି, ଶିକ୍ଷା, ପଦୋନ୍ନତିରେ ପଛୁଆ ବର୍ଗଙ୍କୁ ନ୍ୟାଯ୍ୟ ଅଧିକାର ଦେବା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲା ସମ୍ପାଦକ ରାମାନନ୍ଦ ପାଣିଗ୍ରାହୀ, ସରୋଜ ମହାକୁଡ଼, କିଶୋର ମହାକୁଡ଼, ଆଇନଜୀବୀ ଅଜିତ କୁମାର ମହାନ୍ତି, ସୁନୀଲ ପ୍ରଧାନ, ବନ୍ଦିତା ମିଶ୍ର, ବିନୟ ପାତ୍ର, ପ୍ରଦୀପ ପ୍ରଧାନ, ସଞ୍ଜୟ ପ୍ରଧାନ, ଦେବବ୍ରତ ପ୍ରଧାନ, ବଳଦେବ ମହାପାତ୍ର, ଟୁନା ଖାନ ପ୍ରମୁଖ ଉପସ୍ଥିତ ଥିଲେ।

# ଶୃଙ୍ଖଳିତ ଭାବେ ଅଧ୍ୟୟନକରି ଭଲ ମଣିଷ ହୁଅ

**ସାତମାଇଲ,୨୪।୧(ସୁଶାନ୍ତ ପତି)**

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ଚିଉଳପୁର ଗ୍ରାମ ସରକାରୀ ଉ.ପ୍ରା. ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପଙ୍କଜ ଲୋଚନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ମୁଖ୍ୟବକ୍ତା ଭାବେ ଡାକ୍ତର ସୁଧାକର ପାଳ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ସରପଞ୍ଚ ମାମିନା ସେଠୀ, ସମିତିସଭ୍ୟା ସୁପ୍ରିୟା ପଣ୍ଡା ଓ ଗ୍ରାମ ଉପ ସଭାପତି ମନମୋହନ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଶୃଙ୍ଖଳିତ ଭାବେ ଅଧ୍ୟୟନ କରି ଭଲ ମଣିଷ ହେବାକୁ ଅତିଥିବୃନ୍ଦ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରାକ୍ତନ ଛାତ୍ର ଜିତେନ ପତି ଅତିଥି ପରିଚୟ ଦେଇଥିଲେ। ମୋ ସ୍କୁଲ ଅଭିଯାନ ସଭାପତି ପ୍ରଶାନ୍ତ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଧାନଶିକ୍ଷକ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହାପରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଏବଂ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ବୈଷ୍ଣବ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଗ୍ରାମବାସୀ ସହଯୋଗ କରିଥିଲେ।



# ଭଲିବଲ: ଖୋର୍ଦ୍ଧା ରେଳବାଇ ଚାମ୍ପିୟନ


ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

**କଣିହାଁ,୨୪।୧ (ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ବଡ଼ଗୁଣ୍ଡରୀ ପଞ୍ଚାୟତ ବଡ଼ହୀରା ଗ୍ରାମ ସ୍ପୋର୍ଟ ଗ୍ରାଉଣ୍ଡରେ ଗଣେଶ କ୍ଲବ ତରଫରୁ ଏକଦିବସୀୟ ଦିବାରାତ୍ର ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ ଟି ଦଳ ଅଂଶଗ୍ରହଣ କରିଥିଲେ। ଶିକ୍ଷାବିତ୍ ଡ. ମହେଶ୍ୱର ପ୍ରଧାନ, ଗ୍ରାମର ବରିଷ୍ଠ ନାଗରିକ ଦୟାନିଧି ପ୍ରଧାନ, ପୀତାମ୍ବର ସାହୁ, ବ୍ଲକ କଳା ସଂସ୍କୃତ ସଂଘ ଉପସଭାପତି ମହେଶ୍ୱର ସାମଲ, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ ପାଳ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଯୋଗଦେଇଥିଲେ। ରେଳବାଇ ଖୋର୍ଦ୍ଧା ଓ ରେନ୍‌ବୋ ଭୁବନେଶ୍ୱର ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ଖୋର୍ଦ୍ଧା ରେଳବାଇ ୨/୧ ସେଟ୍‌ରେ ରେନବୋକୁ ହରାଇ ଚାମ୍ପିୟନ ହୋଇଥିଲା। ବ୍ଲକ ଅଧ୍ୟକ୍ଷଙ୍କ ସହିତ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ରମାକାନ୍ତ ପଟ୍ଟନାୟକ, ପ୍ରିୟ ରଞ୍ଜନ ସାହୁ, ଉଦୟଭାନୁ ସୁନ୍ଦରାୟ ଖେଳ ପରିଚାଳନା କରିଥିଲେ। ଘୋଷକ ଭାବେ ଶୁଭେନ୍ଦୁ ସାହୁ, କଳାକାର ସାହୁ, ରମେଶ ସାହୁ ଦାୟିତ୍ୱ ତୁଲାଇଥିଲେ। କ୍ଷେତ୍ରବାସୀ ସାହୁ, ଟଙ୍କଧର ସାହୁ, ଧୀରେନ, ରଞ୍ଜନ, ରୁନା, ତାପସ, ମିଟ୍ଟୁ, ରାଜୁ, ଦୀପୁ ପ୍ରମୁଖ ସହଯୋଗ କରିଥିଲେ।

# ଶ୍ରୀମନ୍ଦିରକୁ ଗଲା ଅର୍ପଣ ରଥ ଦାନ

**ଛେଣ୍ଡିପଦା,୨୪।୧(ଅଜିତ ଧଳ)**

ଅର୍ପଣ ରଥରୁ ମିଳିଥିବା ୩ ଲକ୍ଷ ୯୭ ହଜାର ଦାନ ଟଙ୍କାକୁ ମଙ୍ଗଳବାର ଛେଣ୍ଡିପଦା ବ୍ଲକ ପ୍ରଶାସନ ପକ୍ଷରୁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯାଇଛି। ପରିକ୍ରମା ରଥ ମୋଟ୍ ୪୬,୪୧୯ ପରିବାରରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିଥିଲା। ଏହି ସମୟରେ ବହୁ ଜଗନ୍ନାଥ ପ୍ରେମୀ ଅର୍ଥରାଶି ଦାନ କରିଥିଲେ। ବିଡିଓ ତ୍ରିବିକ୍ରମ କୁମରାଙ୍କ ତତ୍ତ୍ୱାବଧାନରେ ବ୍ଲକର ବରିଷ୍ଠ କିରାଣି ଘନଶ୍ୟାମ ନାୟକ, ବ୍ଲକ ଗ୍ରାମୀଣ ଆବାସ ପ୍ରକଳ୍ପ ସଂଯୋଜକ ଶିପୁନ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ଜେନା ପ୍ରମୁଖ ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପହଞ୍ଚି ଦାନ ଅର୍ଥ ଜମା କରିଥିଲେ।



# ବୈଠକ ବର୍ଜନ କଲେ ପଞ୍ଚାୟତ ପ୍ରତିନିଧି

**ଅନୁଗୋଳ, ୨୪।୧ (ଅମିତ କୁମାର ସାମଲ)**

ଅନୁଗୋଳ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବୁଧବାର ବୈଠକ ଡକାଯାଇଥିଲା। ଏଥିରେ ଅନୁଗୋଳ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ସାହୁ, ବିଡିଓ ଅରବିନ୍ଦ ବେହେରା, ଡିପିଓ ଚନ୍ଦନ କୁମାର ସାହୁଙ୍କ ସହ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ତେବେ ଆରମ୍ଭରେ ଆମ ଓଡ଼ିଶା ନବୀନ ଓଡ଼ିଶା ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରତି ପଞ୍ଚାୟତରେ ଏହି କାର୍ଯ୍ୟ କିଭଳି ଭାବେ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଏ ନେଇ ପ୍ରତି ପଞ୍ଚାୟତକୁ ମଧ୍ୟ ୩ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ବିଡିଓ କହିଥିଲେ। ଏହି ଆଲୋଚନା ସମୟରେ ହଠାତ୍ ଭାଜପା ଓ ବିଜେଡି ସମର୍ଥିତ ପଞ୍ଚାୟତ ପ୍ରତିନିଧିମାନେ ହୋହଲ୍ଲା କରିଥିଲେ। କାହିଁକି ସମର୍ପଣ ରଥ ବୁଲିବା ସମୟରେ ଅବଗତ କରାଗଲା ନାହିଁ, ସମର୍ପଣ ରଥ ପାଇଁ ଆସିଥିବା ୨ ଲକ୍ଷ ଟଙ୍କା କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଥିଲେ। ପଞ୍ଚାୟତକୁ ଆସୁଥିବା ବିଭିନ୍ନ କାର୍ଯ୍ୟ ଏବେ ବାବୁମାନେ କରୁଛନ୍ତି। ତେଣୁ ଆମର କୌଣସି ଆବଶ୍ୟକତା ନାହିଁ କହି ଜନପ୍ରତିନିଧିମାନେ ବୈଠକ ବର୍ଜନ କରିଥିଲେ। ପ୍ରଶାସନିକ ଅଧିକାରୀମାନେ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଅଟଳ ରହିଥିଲେ। ଲୋକମାନେ ସରପଞ୍ଚଙ୍କୁ ଜଗନ୍ନାଥଙ୍କ ଟଙ୍କା ଗିଳିଦେଲ ବୋଲି କହୁଛନ୍ତି। ତେଣୁ ଏହାର ହିସାବ ରଖାଯାଉ ବୋଲି ବିଜେଡି ସମର୍ଥିତ ସରପଞ୍ଚମାନେ କହିଥିଲେ। ଭାଜପା ସମର୍ଥିତ ସରପଞ୍ଚମାନେ ବିଭିନ୍ନ କାର୍ଯ୍ୟରେ ସେମାନଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ପଞ୍ଚାୟତ ସମିତି କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବିଭିନ୍ନ ବିଷୟରେ ଆଲୋଚନା ପାଇଁ ବୈଠକ ଡକାଯାଇଥିଲା। କିନ୍ତୁ ହଟ୍ଟଗୋଳ ପାଇଁ ବୈଠକ ବାତିଲ ହୋଇଛି।

# ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ

**ବଇଣ୍ଡା,୨୪।୧(ପରିକ୍ଷିତ ସାହୁ)**


ଆମ୍ବସରମୁଣ୍ଡା ଠାରେ ମାଲ୍ୟାର୍ପଣ କରାଯାଉଛି।

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଆମ୍ବସରମୁଣ୍ଡା ଠାରେ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜଂଘା ଦେଓ ମନ୍ଦିର ପରିସରରେ ଉଭୟ ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଯୁଧିଷ୍ଠିର ସିଂହ, ବିଧାୟକଙ୍କ ପ୍ରତିନିଧି କାଳନ୍ଦୀ ଚରଣ ପ୍ରଧାନ, ସଦାଶିବ ନାୟକ, ପ୍ୟାରୀ ମୋହନ ନାୟକ, ରମେଶ ବେହେରା, କୁଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କିଶୋରନଗର ଉଚ୍ଚ ବିଦ୍ୟାଳୟଠାରେ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ଶିକ୍ଷକ ଭୈରବ ଦେହୁରୀ, ସଂଗ୍ରାମ କେଶରୀ ପୃଷ୍ଟି, ଚିନ୍ମୟୀ ମହାପାତ୍ର, ହେମନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ବିନାୟକ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।



କିଶୋରନଗର ଉଚ୍ଚ ବିଦ୍ୟାଳୟଠାରେ ଜୟନ୍ତୀ ପାଳନ କରାଯାଉଛି।

# ନେତାଜୀଙ୍କ ଜୀବନୀରୁ ଶିକ୍ଷା ନିଅ

**ଅନୁଗୋଳ,୨୪।୧ (ଅମିତ କୁମାର ସାମଲ)**

ଡିୱାଇଓ ଅନୁଗୋଳ ଆଞ୍ଚଳିକ କମିଟି ତରଫରୁ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। କମିଟି ସମ୍ପାଦିକା ଜ୍ୟୋତ୍ସ୍ନା ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ସର୍ବପ୍ରଥମେ ନେତାଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲା ଜନଜୀବନ ସୁରକ୍ଷା କମିଟି ସଭ୍ୟ ଅଭିମନ୍ୟୁ ସ୍ୱାଇଁ, ଚାଷୀ ସୁରକ୍ଷା କମିଟି ସଭାପତି ପ୍ରଦୀପ ପ୍ରଧାନ, କାଳୀଚରଣ ପ୍ରଧାନ, ବସ୍ତି ସୁରକ୍ଷା କମିଟି ସଦସ୍ୟ ନବକିଶୋର ମହାପାତ୍ର, ଡିୱାଇଓ ପୂର୍ବତନ ଜିଲା ସଙ୍ଗଠକ ନବକିଶୋର ପ୍ରଧାନ ମୁଖ୍ୟବକ୍ତା ଓ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଆଞ୍ଚଳିକ କମିଟି ସମ୍ପାଦକ ବ୍ରଜବନ୍ଧୁ ସାହୁ, ଡିଏସ୍‌ଓ ଜିଲା ସମ୍ପାଦକ ନାରାୟଣ ନାୟକ ପ୍ରମୁଖ ବକ୍ତବ୍ୟ ରଖି ନେତାଜୀଙ୍କ ଜୀବନ ସଂଗ୍ରାମରୁ ଶିକ୍ଷାନେବାକୁ ଛାତ୍ର ଯୁବକମାନଙ୍କୁ ଆହ୍ୱାନ କରିଥିଲେ। ଆଞ୍ଚଳିକ କମିଟି ସଭାପତି ମଳୟ ବେହେରା ଉପସ୍ଥିତ ଥିଲେ।

सूचना एवं प्रसारण मंत्रालय
MINISTRY OF INFORMATION AND BROADCASTING
सत्यमेव जयते

**70th NATIONAL FILM AWARDS 2022**

**CALL FOR ENTRIES**

Films and Writing on Cinema

**ELIGIBILITY**

**Feature & Non-Feature**
Certified by CBFC
with English Subtitles

**Books, Articles/Reviews**
on Cinema
Published

**From 01/01/2022 to 31/12/2022**
(Both days inclusive)

For any queries call 011-26499378/357
(9:30 AM – 5:00 PM on weekdays)

Visit www.mib.gov.in for the regulations and to apply online
Submission of online applications till 30/01/2024 (by 5:00 PM)

All documents must be sent to the given address:
National Film Awards Cell
Ministry of Information & Broadcasting
Government of India
Siri Fort Auditorium Complex
August Kranti Marg
New Delhi - 110049

Email: 70nfa2022@gmail.com
Website: www.mib.gov.in

CBC 22201/11/0154/2324

# ମା' ହିଙ୍ଗୁଳା ପୀଠରେ ଦୀପଦାନ ଉତ୍ସବ

**ତାଳଚେର,୨୪।୧ (ମନୋଜ ନନ୍ଦ)**

ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଗୋପାଳପ୍ରସାଦସ୍ଥିତ ପୀଠ ପରିସରରେ ୧୦୮ ଦୀପଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କଳମଛୁଇଁ ମଣ୍ଡଳର ସଂଯୋଜକ ପଞ୍ଚାନନ ବେହେରାଙ୍କ ଆବାହକତ୍ୱରେ ଏହି ଉତ୍ସବ ପାଳନ ହୋଇଥିଲା। ପ୍ରାରମ୍ଭରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଫଟୋଚିତ୍ରକୁ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଆକର୍ଷଣୀୟ ରଙ୍ଗୋଲି ପକାଇ ୧୦୮ ଦୀପଦାନ କରାଯାଇଥିଲା। ବିଭୂତି ଭୂଷଣ ସ୍ୱାଇଁ, ବିକ୍ରମ ଜେନା, ବୀଣାପାଣି ବାରିକ, ଭଗବାନ ବେହେରା, ନିତ୍ୟାନନ୍ଦ ଭୂତିଆ, ଶୁଭଲକ୍ଷ୍ମୀ ଦେହୁରୀ, ଆର୍ଯ୍ୟା ଅନନ୍ୟା ଅମାନ୍ତ, ପ୍ରତାପ ଦେହୁରୀ ସହଯୋଗ କରିଥିଲେ।

# ଦକ୍ଷତା ବିକାଶ ଉପରେ ତାଲିମ ଶିବିର

**ଭୁବନ,୨୪।୧ (ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହରେ ବୁଧବାର ମହିଳା ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତାଙ୍କୁ ନେଇ ମୁକ୍ତା ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନଗରପାଳ ଶୁଭେନ୍ଦୁ ସାହୁ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ କର୍ମତତ୍ପରତା ଅଭିଯାନ ମୁକ୍ତା ପ୍ରକଳ୍ପ ଉପରେ ମହିଳା କର୍ମକର୍ତ୍ତା ତଥା ଏନ୍‌ଏସି ମଧ୍ୟରେ ଥିବା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀକୁ ଅବଗତ କରାଇଥିଲେ। ଏନ୍‌ଏସିର ୧୫ଟି ୱାର୍ଡର ପ୍ରତ୍ୟେକ ୱାର୍ଡ ପାଇଁ ୩୦ ଜଣ ଲେଖାଏଁ ୪୫୦ ଜଣଙ୍କୁ ତାଲିମ ଦିଆଯାଇଥିଲା। ମୁକ୍ତା ଯୋଜନାରେ ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ କରାଯାଉଥିବା ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରାଯାଇଥିଲା। ଏପରିକି କାର୍ଯ୍ୟର ସୁପରିଚାଳନା, କାର୍ଯ୍ୟାଦେଶ ଚିହ୍ନଟନଥିପତ୍ର, ବ୍ୟାଙ୍କ ଋଣ ସମ୍ପର୍କରେ ସଚେତନତା, ସ୍ୱୟଂସହାୟକ ଗୋଷ୍ଠୀର ମାନ ନିର୍ଦ୍ଧାରଣ ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ସମସ୍ତ ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଅପୂର୍ବ ରଞ୍ଜନ ଆଏଚ ଯୋଗଦେଇ କାର୍ଯ୍ୟର ବିଭିନ୍ନମାନକୁ ନିରୂପଣ ସମ୍ପର୍କରେ ଆଲୋଚନା କରିଥିଲେ। ମୁକ୍ତା ପ୍ରକଳ୍ପ ସଂଯୋଗ ଅଶୋକ ରାଉଳ ପରିଚାଳନା କରିଥିଲେ। କର୍ମଚାରୀ ପ୍ରତ୍ୟୁଷ ଖଟେଇ, ରାଜେଶ ରୋଶନ ରାଉତ ସହଯୋଗ କରିଥିଲେ।


ଶିବିରରେ ଉପସ୍ଥିତ ଅତିଥି ଓ ମୁକ୍ତା ପ୍ରକଳ୍ପର ବିଭିନ୍ନ ଅଧିକାରୀଙ୍କ ସହ ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତାମାନେ।

**ମଦ ଜବତ, ଜଣେ ଗିରଫ**

**ବଇଣ୍ଡା,(ପରିକ୍ଷିତ ସାହୁ):** ଠାକୁରଗଡ ପୋଲିସ ମଙ୍ଗଳବାର ଟାପଡୋଲ ଅଞ୍ଚଳରୁ ପ୍ରଶ୍ନ କୁମାର ବାରିକଙ୍କଠାରୁ ୫ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ସେ ଏକ ଜାର ମାଧ୍ୟମରେ ୫ ଲିଟର ଚୋରା ମହୁଲି ମଦ ନେଇ ଯାଉଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ଏ ନେଇ ନମ୍ବର ୨୧/୨୪ ରେ ଏକ ମାମଲା ରୁଜୁ ହୋଇଛି।

# ଭାଜପା ପକ୍ଷରୁ ବୁଥ୍ ଚାଲ କର୍ମଶାଳା

**ଅନୁଗୋଳ,୨୪।୧ (ଅମିତ କୁମାର ସାମଲ)**

ଅନୁଗୋଳ ରାଣିଗୋଡ଼ାସ୍ଥିତ ଭାଜପା କାର୍ଯ୍ୟାଳୟରେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଗୋଳ ନିର୍ବାଚନମଣ୍ଡଳୀର ବୁଥ୍ ଚାଲ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଗତ ନିର୍ବାଚନର ଫଳାଫଳ ଓ ବୁଥସ୍ତରୀୟ ସମୀକ୍ଷା କରାଯାଇ ଆଗାମୀ ନିର୍ବାଚନରେ ଦଳର ସଫଳତା ନିମନ୍ତେ ଉପଯୁକ୍ତ ରଣନୀତି ପ୍ରସ୍ତୁତି କରିବା ଉପରେ ପ୍ରଧାନ ଜୋର୍ ଦେଇଥିଲେ। ଗତ ନିର୍ବାଚନରେ ତ୍ରୁଟିଗୁଡ଼ିକ ଏଥର ଯେପରି ପୁନରାବୃତ୍ତି ନ ହୁଏ ସେଥିପ୍ରତି ସଜାଗ ହେବାକୁ ଦଳୀୟ କର୍ମୀମାନଙ୍କୁ ପ୍ରଧାନ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ବିଧାନସଭା ପ୍ରଭାରୀ ଯଯାତି ପଟ୍ଟନାୟକ, ଅନୁଗୋଳ ବିଧାନସଭା ସଂଯୋଜକ ଦିଲୀପ ଦାସ, ଜିଲା ସମ୍ପାଦକ ପ୍ରଭାତ ପ୍ରଧାନ, ଛବି ମୋହନ ସାହୁ, ହାଡିବନ୍ଧୁ ଦେହୁରୀ, ଜିଲା ସମ୍ପାଦିକା ନମିତା ଦଳବେହେରା, ମନୋରଞ୍ଜନ ଜେନା, ମଣ୍ଡଳ ସଭାପତି ପ୍ରଫୁଲ୍ଲ ଦାସ, ପ୍ରତ୍ୟୁଷ ରଞ୍ଜନ ପଣ୍ଡା ଓ ଅଖିଳ ସାମଲ, କାଉନସିଲର କୈଳାସ ପ୍ରଧାନ, ଅଶୋକ ଧୀର ଓ ବହୁ ସରପଞ୍ଚ, ସମିତି ସଭ୍ୟାସଭ୍ୟା ଉପସ୍ଥିତ ଥିଲେ।


ଭାଜପାର କର୍ମଶାଳାରେ ଉପସ୍ଥିତ ନେତାମାନେ।

# ପରିବେଶ ସୁରକ୍ଷା ସଚେତନତା ଶୋଭାଯାତ୍ରା


 କାମାକ୍ଷାନଗର ମହୋତ୍ସବ ଉପଲକ୍ଷେ ପରିବେଶ ସୁରକ୍ଷା ସଚେତନତା ଓ ଚାରାରୋପଣ କାର୍ଯ୍ୟକ୍ରମ।

**କାମାକ୍ଷାନଗର,୨୪।୧(ସୁଧୀର କୁମାର ପରିଡା)**

ଢେଙ୍କାନାଳ ଜିଲା କାମାକ୍ଷାନଗରରେ ୨ୟ କାମାକ୍ଷାନଗର ମହୋତ୍ସବ ଉପଲକ୍ଷେ ବୁଧବାର ପରିବେଶ ସୁରକ୍ଷା ସଚେତନତା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ବନବିଭାଗ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସ୍ଥାନୀୟ ହନୁମାନ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ଜଗନ୍ନାଥ ମନ୍ଦିର ଓ ସାରଙ୍ଗଧର ଷ୍ଟାଡିୟମ ଦେଇ କାନପୁରା ଗ୍ରାମୀଣ ପାର୍କଠାରେ ପହଞ୍ଚିଥିଲା। ସେଠାରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା। ଏହି ସଚେତନତା ରାଲିରେ ଉପଜିଲାପାଳ ତଥା ମହୋତ୍ସବ କମିଟି ସଭାପତି ନାରାୟଣ ଚନ୍ଦ୍ର ନାୟକ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଭାତ କୁମାର ତ୍ରିପାଠୀ, ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ବିଡିଓ ଅବିନାଶ ପାଣ୍ଡିଆ, ସହକାରୀ ଜିଲାପାଳ ମଦନ ମୋହନ ଜେନା, ଦୀପକ ମିଶ୍ରଙ୍କ ସମେତ ବନବିଭାଗ କର୍ମଚାରୀ ଓ ସାଧାରଣ ଜନତା ଉପସ୍ଥିତ ଥିଲେ।

# କନ୍ୟା ସନ୍ତାନର ଯତ୍ନ ଉପରେ ଗୁରୁତ୍ୱ

**ଅନୁଗୋଳ,୨୪।୧ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱ ବିହାରୀ ମହାନ୍ତି ଅଧ୍ୟକ୍ଷତା କରି କନ୍ୟା ସନ୍ତାନର ଯତ୍ନ ନେବା ସହ ଭବିଷ୍ୟତକୁ ସୁରକ୍ଷିତ ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୂର୍ଣ୍ଣିମା ଉଦ୍‌ଗାତା ଯୋଗଦେଇଥିଲେ। ଏହି ଅବସରରେ ପ୍ରଥମେ କନ୍ୟା ସନ୍ତାନ ଜନ୍ମ ଦେଇଥିବା ମା'ମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଭାଗୀୟ ଅଧିକାରୀ, ପାରାମେଡିକାଲ ଷ୍ଟାଫ, ଆଶାମାନେ ଯୋଗ ଦେଇଥିଲେ। ସେହିପରି ଅନୁଗୋଳ ଟାଉନ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ ଯୋଗଦେଇଥିଲେ। ଜିଲା ଅତିରିକ୍ତ ଅଧିକାରୀ ପ୍ରତିଭା ବାରିକ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ଅଶୋକ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ରଙ୍ଗୋଲି, ବକ୍ତୃତା, ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ। ଶିକ୍ଷୟିତ୍ରୀ ସ୍ମିତାରାଣୀ ସାମଲ ଧନ୍ୟବାଦ ଦେଇଥିଲେ।



ଅନୁଗୋଳ ଟାଉନ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ।

# ପାରମ୍ପରିକ ଓଡ଼ିଆ ରନ୍ଧନକଳା ପ୍ରତିଯୋଗିତା

**ଢେଙ୍କାନାଳ,୨୪।୧(ରତନ ନାୟାର)**

ଢେଙ୍କାନାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପାରମ୍ପରିକ ଓଡ଼ିଆ ରନ୍ଧନକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଓଡ଼ିଶାର ପାରମ୍ପରିକ ଖାଦ୍ୟର ପ୍ରଚାର ପ୍ରସାର ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ସୂଚନା ଦିଆଯାଇଥିଲା। ଛାତ୍ରୀଛାତ୍ରମାନେ ମଣ୍ଡା, କାକରା, ଆରିସା, ଚକୁଳି, ଖିରି, ଦହିପଖାଳ, ଶାଗ, ପୋଡପିଠା, ଏଣ୍ଡୁରି, ମାଣ୍ଡିଆ ଲଡ୍ଡୁ, ବାଜରା ପିଠା, କାନିକା, ଡାଲମା ଆଦି ଖାଦ୍ୟ ପ୍ରସ୍ତୁତ କରିଥିଲେ। ବିଚାରକ ଭାବେ ଅର୍ଥନୀତି ବିଭାଗ ମୁଖ୍ୟ ଡ. ସଞ୍ଜୀବ ମହାପାତ୍ର, ଦର୍ଶନ ବିଭାଗ ମୁଖ୍ୟ ଡ. ସାରଦା ପତି, ଡ. ଅଦ୍ୱୈତ କୁମାର ସାହୁ ଯୋଗ ଦେଇଥିଲେ। ନୋଡାଲ ଅଫିସର ଡ. ରବର୍ଟ ୱିଲସନ ବାତ୍ରା ଓଡ଼ିଆ ଖାଦ୍ୟର ମହତ୍ତ୍ୱ ଓ ପୋଷାକ ତତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଆ ବିଭାଗର ରଶ୍ମିରଞ୍ଜନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ପାରମ୍ପରିକ ଓଡ଼ିଆ ରନ୍ଧନକଳା ପ୍ରତିଯୋଗିତାରେ ଅତିଥିମାନେ।

# ପୋଲିସକୁ ଆକ୍ରମଣ ଅଭିଯୋଗ, ୨ ଗିରଫ

**ଅନୁଗୋଳ, ୨୪।୧ (ଅମିତ କୁମାର ସାମଲ)**

ପୋଲିସକୁ ଆକ୍ରମଣ ଅଭିଯୋଗରେ ଅନୁଗୋଳ ସଦର ଥାନା ସୁରାବ ଗାଁର ୨ ଜଣ ଗିରଫ ହୋଇଛନ୍ତି। ସଦର ଥାନାରେ ଏସ୍‌ଆଇ ଆଶୁତୋଷ ସାମଲ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୬୦/୨୪ରେ ମାମଲା ରୁଜୁ କରି ସୁରାବ ଗାଁର ସିଦ୍ଧାର୍ଥ ବେହେରାଓ ବିଦେଶୀ ବେହେରାଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ସଦର ପୋଲିସର ଏକ ଟିମ୍ ବିଭିନ୍ନ ଅଞ୍ଚଳରେ ଗୋଇନ୍ଦା ଚଳାଇଥିଲା। ଗତ ୧୯ ତାରିଖରେ ସୁରାବ ଅଞ୍ଚଳର ବସନ୍ତ ବେହେରାଙ୍କୁ ପୁରୁଣା ମାମଲାରେ ପୋଲିସ ଗିରଫ କରିଥିଲା। ଏହି ରାଗରେ ପୋଲିସକୁ ଦେଖିବା ପରେ ବିଦେଶୀ ଓ ସିଦ୍ଧାର୍ଥ ଏକ ଟାଙ୍ଗିଆ ଆଣି ଆକ୍ରମଣ କରିବାକୁ ଆସିଥିଲେ। ଏହି ଘଟଣାରେ ପୋଲିସ ମାମଲା ରୁଜୁ କରି ୨ ଭାଇଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଧୀରେନ ବେହେରା ସୂଚନା ଦେଇଛନ୍ତି।

# ଇନ୍ଦିପୁରରେ ରାମଧ୍ୱନି ଉତ୍ସବ

**ଢେଙ୍କାନାଳ,୨୪।୧(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଶ୍ରୀରାମ ମନ୍ଦିରରେ ସୋମବାର ରାମଧ୍ୱନି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଯୋଧ୍ୟାରେ ଭବ୍ୟ ମନ୍ଦିରରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଆୟୋଜିତ ଏହି ଉତ୍ସବ ଅବସରରେ ରାମ ନାମରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଗ୍ରାମର ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମସ୍ତ କାର୍ଯ୍ୟରତ ସଦସ୍ୟ ଓ ଗ୍ରାମବାସୀଙ୍କ ସମ୍ମୁଖରେ ରାଣିବାଳା, ପଙ୍କଜ ପୃଷ୍ଟିଙ୍କ ସମେତ ଅନ୍ୟମାନେ ଅର୍ଥ ଦାନ କରିଥିଲେ। ପବନ କୁମାର ସାହୁ ନିଜ ନାତି ବୈକୁଣ୍ଠଙ୍କ ନାମରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ୧୦ହଜାର ୫ଟଙ୍କା ପ୍ରଦାନ କରିଥିଲେ। ଇନ୍ଦିପୁର ଗ୍ରାମ ବିକାଶ ପରିଷଦ ସଭାପତି ରଘୁନାଥ ସିଂ, ରଥଯାତ୍ରାରେ ଖର୍ଚ୍ଚ ପାଣ୍ଠିକୁ ୧ଲକ୍ଷ ଟଙ୍କା ଦେବାକୁ ସମ୍ମତି ପ୍ରଦାନ କରିଥିଲେ। ସେହିପରି ଚିନ୍ମୟ ପୃଷ୍ଟି ଓ ଅକ୍ଷୟ ପୃଷ୍ଟି ମାସିକ ୧ ହଜାର ଟଙ୍କା ଲେଖାଏ ଦେବାକୁ ଘୋଷଣା କରିଥିଲେ। ମନ୍ଦିର କମିଟି ସଭାପତି ଚିନ୍ତାମଣି ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରଶାନ୍ତ କୁମାର ଓଝା ଧନ୍ୟବାଦ ପ୍ରଦାନ କରିଥିଲେ।


ଇନ୍ଦିପୁରରେ ରାମଧ୍ୱନି ଉତ୍ସବ ଅବସରରେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମସ୍ତ କାର୍ଯ୍ୟରତ ସଦସ୍ୟ ଓ ଗ୍ରାମବାସୀ।

# ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟନ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

**ପାଲଲହଡ଼ା,୨୪।୧ (ଦିବ୍ୟଜ୍ୟୋତି ଦାଶ)**

ପାଲଲହଡ଼ା ଉପଖଣ୍ଡ କରଡ଼ାପାଳ ପଞ୍ଚାୟତର ସହରଗୁରୁଜାଙ୍ଗ ଗ୍ରାମରେ ଥିବା ଦିବାଯତ୍ନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟନ ହୋଇଯାଇଛି। ବିଧାୟକ ମୁକେଶ କୁମାର ପାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ଗୃହର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ରିନାରାଣୀ ନାଏକ, ଜିଲାପରିଷଦ ସଦସ୍ୟ ବୁଦ୍ଧୁରାମ ବୋଇପାଇ, ବିଜେଡି ବ୍ଲକ ସଭାପତି ଗଙ୍ଗାଧର ଜିତ, ଜିଲା ବିଜେଡି ଉପସଭାପତି ନରେନ୍ଦ୍ର ଭୁକ୍ତା, ସମିତିସଭ୍ୟ, ସରପଞ୍ଚ, ମେଡିକାଲ କର୍ମଚାରୀ, ଗ୍ରାମର ବହୁ ଜନସାଧାରଣ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଲାଭ ଉଠାଅ

**ଭାପୁର,୨୪।୧(ରାଜକୁମାର ପ୍ରଧାନ)**

ଢେଙ୍କାନାଳ ଜିଲା ସଦର ବ୍ଲକ ଭାପୁର ପଞ୍ଚାୟତ ମହୁଲପୁଞ୍ଜି ଗ୍ରାମରେ କୃଷକ ମେଳା ଓ କୃଷି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ ଛତୁ, ପଶୁଶକ୍ତି ସଦୁପଯୋଗ, ଉନ୍ନତ କୃଷି ଯନ୍ତ୍ରପାତି, ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ, କୃଷିଶ୍ରମ ବିଜ୍ଞାନ କାର୍ଯ୍ୟକ୍ରମ ଏସ.ସି ସବ୍‌ପ୍ଲାନର ଆର୍ଥିକ ସହାୟତାରେ ପ୍ରାୟ ୩୦୦ ଚାଷୀଙ୍କୁ ଏହି ମେଳାରେ ପ୍ରଶିକ୍ଷଣ ଦିଆଯାଇଥିବାବେଳେ ଉନ୍ନତ ଯନ୍ତ୍ରପାତି ପ୍ରଦର୍ଶିତ ହୋଇଥିଲା। ଇଏସ୍‌ଏ ପ୍ରୋଜେକ୍ଟର ବୈଜ୍ଞାନିକ ଡା. ଜୟନାରାୟଣ ମିଶ୍ର କୃଷି କ୍ଷେତ୍ରରେ କାର୍ଯ୍ୟରତ ମହିଳାମାନେ କିପରି ଛୋଟ କୃଷି ଯନ୍ତ୍ରପାତି ବ୍ୟବହାର କରି ଆତ୍ମନିର୍ଭର ହୋଇପାରିବେ ସେ ନେଇ ସୂଚନା ଦେଇଥିଲେ। କୃଷି ଯନ୍ତ୍ରପାତି ଓ ଶକ୍ତି ବିଭାଗର ପ୍ରଫେସର ଡ. ପଦ୍ମଲୋଚନ ପ୍ରଧାନ କମ ସମୟ ଓ ପରିଶ୍ରମରେ ଆୟବୃଦ୍ଧି ପାଇଁ ସୂଚନା ଦେଇଥିଲେ। ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ସ୍ୱାଇଁ, ଢେଙ୍କାନାଳ କୃଷି ବିଜ୍ଞାନକେନ୍ଦ୍ର ମୁଖ୍ୟ ବରିଷ୍ଠ କୃଷି ବୈଜ୍ଞାନିକ ଡା. ବିମଳେନ୍ଦୁ ମହାନ୍ତି ଯୋଗଦେଇ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଲାଭ ଉଠାଇବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଦିବ୍ୟସୁନ୍ଦର କର, ମହୁଲ ପୁଞ୍ଜି ଗ୍ରାମ ସଭାପତି, ଉତ୍ପାଦକ ସଙ୍ଗଠନର ଉପଦେଷ୍ଟା ରାଜ କୁମାର, ବିକାଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ନାରାୟଣ ଖଟୁଆ ଧନ୍ୟବାଦ ଦେଇଥିଲେ।



ଭାପୁର ପଞ୍ଚାୟତ ମହୁଲପୁଞ୍ଜି ଗ୍ରାମରେ କୃଷକ ମେଳା ଓ କୃଷି ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଦୀପକ କୁମାର ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି

**ଅନୁଗୋଳ, ୨୪।୧ (ଅମିତ କୁମାର ସାମଲ)**



ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ଭାରତୀୟ ପୋଲିସ ସେବା(ଆଇପିଏସ୍) ସ୍ତରରେ ବଡ଼ଧରଣର ଅଦଳବଦଳ କରାଯାଇଛି। ଅନୁଗୋଳ ଜିଲାରେ ଥିବା ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ଭାବେ ସମ୍ବଲପୁରର ଉତ୍ତରାଞ୍ଚଳ ଆଇଜି ଡ. ଦୀପକ କୁମାରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏ ନେଇ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଚିଠି ନଂ. ୩୦୬୭ରେ ଉଲ୍ଲେଖ କରାଯାଇଛି। ଡ. ଦୀପକ କୁମାର ୨୦୦୪ ବ୍ୟାଚର ଆଇପିଏସ୍ ଅଧିକାରୀ ହୋଇଥିବାବେଳେ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସହ ଅନୁଗୋଳ ପୋଲିସ ଟ୍ରେନିଂ କଲେଜର ଅଧ୍ୟକ୍ଷ ଭାବେ ମଧ୍ୟ ତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଏସ୍‌ଟିଏଫ୍ ଡିଆଇଜି ସହ ଉତ୍ତରକେନ୍ଦ୍ରାଞ୍ଚଳ ଡିଆଇଜି ଭାବେ ଜେ.ଏନ୍. ପଙ୍କଜ ଦାୟିତ୍ୱରେ ରହିଥିଲେ। ତାଙ୍କୁ ବ୍ରହ୍ମପୁର ଆଇଜି ଭାବେ ଗୃହ ବିଭାଗ ପକ୍ଷରୁ ବଦଳି କରାଯାଇଛି।

# ଜାତୀୟ ପ୍ରତିଯୋଗିତାରେ କୃତିତ୍ୱ



**ତାଳଚେର,୨୪।୧(ମନୋଜ ନନ୍ଦ):** ପାନିପଥସ୍ଥିତ ହରିୟାଣା ଡିଏଭି ପୋଲିସ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ଜାତୀୟ ଡିଏଭି ଟାଏକୋଣ୍ଡୋ ପ୍ରତିଯୋଗିତାରେ ତାଳଚେର ପ୍ରତିଯୋଗୀ କୃତିତ୍ୱ ହାସଲ କରିଛନ୍ତି। ତାଳଚେର ଟାଏକୋଣ୍ଡୋ ଏକାଡେମୀ ତଥା ଏମ୍‌ସିଏଲ୍ କଳିଙ୍ଗ ଡିଏଭି ପବ୍ଲିକ ସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ର କରନଜିତ୍ ମଲ୍ଲିକ ଜାତୀୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ବିଜୟୀ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କରନଜିତ୍‌ଙ୍କ ପିତା ସଞ୍ଜୟ ମଲ୍ଲିକ ଏମ୍‌ସିଏଲ୍ ଜଗନ୍ନାଥ କୋଇଲା ଖଣିରେ ଜଣେ ଫୋରମ୍ୟାନ୍ ଭାବରେ କାର୍ଯ୍ୟ କରୁଥିବା ବେଳେ ମାତା କାଞ୍ଚନ ମଲ୍ଲିକ ଜଣେ ଗୃହିଣୀ। କରନଜିତ୍‌ଙ୍କ ଏହି ସଫଳତା ପାଇଁ ତାଳଚେର ଟାଏକୋଣ୍ଡୋ ଏକାଡେମୀ ଓ ଜିଲା ଟାଏକୋଣ୍ଡୋ ସଂଘ ସମ୍ପାଦକ ପ୍ରମୋଦ କୁମାର ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି।

# ସାଏ, ନେତାଜୀଙ୍କ ଜୟନ୍ତୀ

**ଅନୁଗୋଳ,୨୪।୧ (ଅମିତ କୁମାର ସାମଲ):** ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଛାତ୍ରାବାସ ସମ୍ପାଦକ ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଉତ୍କଳ ସମ୍ମିଳନୀ ଅନୁଗୋଳ ଜିଲା ସଭାପତି ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ପରିଚାଳକ କୈଳାସ ଚନ୍ଦ୍ର ସାହୁ ଓ ଲିପିକା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଉଭୟ ସଂଗ୍ରାମୀଙ୍କ ଜୀବନୀ ସମ୍ପର୍କରେ କୁଇଜ ପ୍ରତିଯୋଗିତା କରାଯାଇଥିଲା। ଶିକ୍ଷୟିତ୍ରୀ ସୁଜାତା ପ୍ରୀତିନନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶଙ୍କର ବେହେରା, ଲକ୍ଷ୍ମୀକାନ୍ତ ବିଶ୍ୱାଳ, ସରସ୍ୱତୀ ସ୍ୱାଇଁ, ନାରାୟଣ ମିଶ୍ର, ପ୍ରତିମା ନାୟକ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ ଉଦ୍‌ଯାପିତ

**ଛେଣ୍ଡିପଦା,୨୪।୧(ଅଜିତ ଧଳ)**

ଛେଣ୍ଡିପଦା ବ୍ଲକସ୍ଥିତ ଜରପଡା ପତିତପାବନ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଚାଲିଥିବା 'ନୂଆ- ଓ' ଏବଂ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଶରତ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ, ଗାଳ୍ପିକ ଓ ଲେଖକ ପ୍ରସନ୍ନ କୁମାର ବରାଳ, ମୁଖ୍ୟବକ୍ତା ଭାବେ ଅନୁଗୋଳ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପିକା ଡକ୍ଟର ଇନ୍ଦିରା ଦାସ ଯୋଗ ଦେଇଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଇଂଲିଶ ଅଧ୍ୟାପକ ଜଗବନ୍ଧୁ ସାହୁ ଅତିଥି ପରିଚୟ ଦେଇଥିଲେ। ସଂଯୋଜକ ବସନ୍ତ ପ୍ରଧାନ, ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




# ମାତୃଭବନର ବାର୍ଷିକ ପାଠଚକ୍ର ସମ୍ମିଳନୀ

**ଢେଙ୍କାନାଳ,୨୪।୧(ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ ବାରଦା ମାତୃଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୪୪ତମ ସମ୍ମିଳନୀ ଓ ବାର୍ଷିକ ଦେହାଂଶ ପ୍ରତିଷ୍ଠାର ୩୬ତମ ବାର୍ଷିକ ଉତ୍ସବ ଗତ ୨୦ ଓ ୨୧ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ମୁଖ୍ୟ ଅତିଥି ଭାବେ ସାଧକ ଓ ସଙ୍ଗଠକ ଅନାଦି ଚରଣ ସ୍ୱାଇଁ ମାତୃପତାକା ଉତ୍ତୋଳନ କରି ସମ୍ମିଳନୀକୁ ଶୁଭାରମ୍ଭ କରିଥିଲେ। ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ର ବନ୍ଦେ ମାତରମ୍ ଗାନ ସହ ମାର୍ଚ୍ଚପାଷ୍ଟ ପରିବେଷଣ କରିଥିଲେ। ପରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସମରକଳା ପ୍ରଦର୍ଶନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଭବେଶ ଚନ୍ଦ୍ର ସାହୁ ଓ ମାତୃଭକ୍ତ ଅଜୟ କୁମାର ପଲେଇ ଯୋଗଦେଇ ଶ୍ରୀମା-ଶ୍ରୀଅରବିନ୍ଦଙ୍କ ଯୋଗ, ଦର୍ଶନ ଉପରେ ଆଲୋଚନା କରି ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ। ମାତୃଭବନର ସମ୍ପାଦକ ସଚ୍ଚିଦାନନ୍ଦ ମହାରଣା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଜିଲା ମହିଳା ପାଠଚକ୍ରର ଆବାହିକା ସୁଲୋଚନା ସାହୁ ଅଧିବେଶନ ସଂଯୋଜନା କରିଥିବା ବେଳେ ସାଧକ ନିରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ପାଠଚକ୍ରର ମାତୃପ୍ରେମୀ ଭଉଣୀଭାଇମାନେ ଯୋଗଦେଇ ଉତ୍ସବକୁ ସଫଳ କରିଥିଲେ। ପ୍ରଧାନଶିକ୍ଷକ ରୂପଶ୍ରୀ ରଥ, ମଧ୍ୟ ଇଂଲିଶ ବିଦ୍ୟାଳୟ ଅଧ୍ୟକ୍ଷ ଦିଲୀପ କୁମାର ମହାରଣା, ଶିକ୍ଷକ ବିଜୟ କୁମାର ନନ୍ଦ, ଚନ୍ଦ୍ରମଣି ଦଳବେହେରା ପ୍ରମୁଖ ପରିଚାଳନା କରିଥିଲେ।


ପାଠଚକ୍ର ସମ୍ମିଳନୀ ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମାର୍ଚ୍ଚପାଷ୍ଟ କରାଯାଉଛି।

# ରାଜପଥ ପାର୍ଶ୍ୱରେ ବେଆଇନ ପାର୍କିଂ ନେଇ ଅସନ୍ତୋଷ

## ଟ୍ରକ୍ ଟର୍ମିନାଲ ନିର୍ମାଣ ହେଉନି

**ବଇଣ୍ଡା,୨୪।୧(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ହଣ୍ଡପା ଥାନା ଗୁଣ୍ଡୁରୀମୁଣ୍ଡାଠାରେ ନିର୍ମାଣ ହୋଇଥିବା କୋଇଲା ଡିପୋକୁ ନେଇ ଏବେ ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳିଛି। ପ୍ରତ୍ୟେକ ଦିନ ଏହି ଡିପୋକୁ ଶତାଧିକ କୋଇଲା ବୋଝେଇ ଟ୍ରକ୍ ଆସୁଥିବା ବେଳେ ପାର୍କିଂ ସୁବିଧା ନ ଥିବାରୁ ରାଜପଥ ପାର୍ଶ୍ୱରେ ବେଆଇନ ଭାବେ ପାର୍କିଂ କରାଯାଉଥିବା ଅଭିଯୋଗ ହେଉଛି। ଫଳରେ ଯାତାୟାତରେ ଅସୁବିଧା ଉପୁଜୁଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। ଅଭିଯୋଗରୁ ପ୍ରକାଶ ଯେ, ହଣ୍ଡପା ଥାନା ଗୁଣ୍ଡୁରୀମୁଣ୍ଡାଠାରେ କିଛି ବର୍ଷ ତଳେ କୋଇଲା ଡିପୋ ନିର୍ମାଣ ହୋଇଛି। ତାଳଚେର, ଛେଣ୍ଡିପଦା ଅଞ୍ଚଳରୁ କୋଇଲା ଆସି ଏଠାରେ ଗଚ୍ଛିତ ହେବା ପରେ ଟ୍ରେନ ଯୋଗେ ବାହାର ରାଜ୍ୟ କମ୍ପାନୀକୁ ଚାଲାଣ କରାଯାଉଛି। ପରିବହନ ଦାୟିତ୍ୱ ନେଇଥିବା କମ୍ପାନୀ ପକ୍ଷରୁ ଟ୍ରକ୍ ଟର୍ମିନାଲ ନିର୍ମାଣ କରାଯାଇ ନ ଥିବା ଯୋଗୁ ଦୀର୍ଘ ୩ କିମି ପର୍ଯ୍ୟନ୍ତ କୋଇଲା ବୋଝେଇ ଟ୍ରକ୍‌ଗୁଡ଼ିକ ରାଜପଥ ପାର୍ଶ୍ୱରେ ଠିଆ ହୋଇ ରହୁଛି। ତୁରନ୍ତ ଏକ ଟ୍ରକ୍ ଟର୍ମିନାଲ ନିର୍ମାଣ କରିବା ସହ ରାସ୍ତା ପାର୍ଶ୍ୱରେ ଟ୍ରକ୍‌ଗୁଡ଼ିକ ରଖା ନ ଯିବା ପାଇଁ ସାଧାରଣରେ ଦାବି ହେଉଛି।



